## Launch of Odisha Districts Geo-Portal

Hon’ble Minister for Electronics & IT, Govt of Odisha, Dr Mukesh Mahaling, launched the Odisha Districts Geo-Portal during the DIO Conference held at Bhubaneswar.

Developed by NIC, the multi-layered GIS platform covers all 30 Districts, integrating key spatial & non-spatial data to enable data-driven governance and digital decision-making in Odisha.

## News Clips



### ଏନ୍‌ଆଇସି ପ୍ରସ୍ତୁତ କଲା ଜିଓ ଜିଲା ପୋର୍ଟାଲ

# ଗୋଟିଏ କ୍ଲିକ୍‌ରେ ସବୁ ଜିଲାର ବିସ୍ତୃତ ସୂଚନା

ଭୁବନେଶ୍ୱର, ୨୩।୧୨ (ନି.ପ୍ର): ଏଣିକି ଓଡ଼ିଶାର ପ୍ରତ୍ୟେକ ଜିଲାର ପ୍ରଶାସନିକ ଓ ଗାଁ ସୀମା, ନଦୀ ନାଳ ଠାରୁ ଆରମ୍ଭ କରି ଭିତ୍ତିଭୂମି, ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଜିଲା ଜିଓ-ପୋର୍ଟାଲରୁ ମିଳିପାରିବ। ପ୍ରଥମ ଥର ପାଇଁ ନ୍ୟାସନାଲ ଇନଫରମେଟିକ୍ସ ସେଣ୍ଟର(ଏନ୍‌ଆଇସି) ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ୱେବସାଇଟରେ ଉପଲବ୍ଧ ସୂଚନାକୁ ସରକାର ଓ ଜନସାଧାରଣ ବିନା ମୂଲ୍ୟରେ ବ୍ୟବହାର କରିପାରିବେ। ରାଜ୍ୟ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଏହାର ଉଦ୍‌ଘାଟନ କରି ସାମ୍ପ୍ରତିକ ସମୟରେ ଡାଟା ବ୍ୟବହାର ଏକାନ୍ତ ଅପରିହାର୍ଯ୍ୟ ହୋଇ ପଡିଥିବାବେଳେ ଏପରି ଏକ ଅଭିନବ ପୋର୍ଟାଲ ଆଗାମୀ ଦିନରେ ରାଜ୍ୟର ବିକାଶ ଦିଗରେ ବେଶ୍ ସହାୟକ ହେବ ବୋଲି କହିଛନ୍ତି। ଲୋକାର୍ପଣ ଉତ୍ସବରେ ଓକାକ୍ ସିଇଓ ପ୍ରଦୀପ କୁମାର ରାଉତ, ଏନ୍‌ଆଇସି ଓଡ଼ିଶାର ଉପ-ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ. ଅଶୋକ କୁମାର ହୋତା, ଜିଆଇଏସ୍ ଡିଭିଜନ ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଜୟନ୍ତ ମିଶ୍ର, ରାଜ୍ୟ ଏବଂ ଜିଲା ଏନଆଇସି କାର୍ଯ୍ୟାଳୟର ଅଧିକାରୀ ଉପସ୍ଥିତ ଥିଲେ। giso-disha.nic.in ଲଗ୍ କରି ଏହି ପୋର୍ଟାଲକୁ ଦେଖିହେବ। ଏନ୍‌ଆଇସିର ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ ଜିଲା ଜିଓ-ପୋର୍ଟାଲ ଏକ ବ୍ୟାପକ ଏବଂ ବହୁସ୍ତରୀୟ ଭୌଗୋଳିକ ସୂଚନା ପ୍ରଣାଳୀ(ଜିଆଇଏସ) ପ୍ଲାଟଫର୍ମ ଯାହା ରାଜ୍ୟର ସମସ୍ତ ୩୦ଟି ଜିଲାକୁ ନେଇ ପ୍ରସ୍ତୁତ କରାଯାଇଛି। ଏଥିରେ ରାଜ୍ୟ, ଜିଲା, ୱାର୍ଡ, ପଞ୍ଚାୟତ, ଗ୍ରାମ ଆଦିର ସୀମା ନିର୍ଦ୍ଧାରଣ କରାଯାଇଛି। ସେହିପରି କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଥାନା, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ବଜାର ଭଳି ଭିତ୍ତିଭୂମି ଠାରୁ ନେଇ କୃଷି ଓ ଜଙ୍ଗଲ ଜମି, କେନାଲ, ସଡ଼କ, ପ୍ରାକୃତିକ ସମ୍ପଦ ଭଳି ସମସ୍ତ ଜରୁରୀ ତଥ୍ୟ ଉପଲବ୍ଧ କରାଯାଇଛି। ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ପରିଚାଳନା, ବିକାଶମୂଳକ କାର୍ଯ୍ୟ, ଯୋଜନା ପ୍ରସ୍ତୁତି, ଶିଳ୍ପାୟନ ସମେତ ନୀତି ନିର୍ଦ୍ଧାରଣରେ ତଥ୍ୟ ସମ୍ବଳିତ ଏହି ପୋର୍ଟାଲ ଉପାଦେୟ ହେବ। ଏହି ପ୍ଲାଟଫର୍ମକୁ ଜିଲାସ୍ତରୀୟ ଭୂ-ସ୍ଥାନିକ ସୂଚନା ପାଇଁ ଏକକ କେନ୍ଦ୍ର ଭାବେ ବ୍ୟବହାର ପାଇଁ ଡିଜାଇନ୍ କରାଯାଇଛି।

**ବିପର୍ଯ୍ୟୟ ପରିଚାଳନା, ନୀତି ନିର୍ଦ୍ଧାରଣରେ ହେବ ଉପାଦେୟ**

The Samaja, BHUBANESWAR Edition
Page No.4 December 24, 2025

The Samaja : 24th December, 2025

# LAUNCHING OF ODISHA DISTRICTS GEO-PORTAL

admin · 6 days ago · Current News · Leave a comment · 125 Views



Bhubaneswar, 23/12/2025 ( Odisha Samachar )- The Odisha District Geo-Portal was formally launched on 17th December 2025 by the Hon'ble Minister for Electronics & Information Technology, Health & Family Welfare and Parliamentary Affairs, Dr. Mukesh Mahaling, during the District Informatics Officers (DIO) Conference held at Bhubaneswar. The launch marks a major milestone in Odisha's journey towards data-driven governance and digitally empowered decision-making.



The Geo-Portal is a comprehensive, multi-layered GIS platform covering all 30 districts of the State. It integrates a wide range of spatial and non-spatial datasets, including administrative boundaries and locations, natural resources, communication networks, agricultural assets, sector-specific datasets, along with base map services. The platform is designed to serve as a single point of access for district-level geospatial information, enabling planners and administrators to make informed and timely decisions.



While addressing the gathering, Hon'ble Minister Dr. Mukesh Mahaling underscored the growing importance of geo-spatial technology in various facets of governance in Odisha. He emphasized how the Odisha District Geo-Portal would significantly support planning, monitoring and policy formulation, and enhance transparency and efficiency in administrative processes.



Dr. Pradeep Kumar Rout, Special Secretary, Electronics & IT Department and CEO, Odisha Computer Application Centre (OCAC), along with Dr. Ashok Kumar Hota, Deputy Director General & State Informatics Officer, NIC Odisha, graced the occasion. Officers from State and District NIC units were also present, reflecting the collective commitment towards leveraging advanced geospatial technologies for governance.




The launch of the Odisha District Geo-Portal represents a decisive step in harnessing GIS and digital innovation to strengthen governance and public service delivery across the State.

SHARE Facebook Twitter Google + Stumbleupon LinkedIn Pinterest

## RELATED ARTICLES



491 Anganwadi Centers Inaugurated Virtually Across Odisha
5 days ago



High-Level Review of Mukhyamantri Sahari Bikas Yojana Projects
5 days ago



Odisha Participates in National Deliberations on Affordable Housing at NITI Aayog
6 days ago

Search

## RECENT POST

- AI-Powered Super League "A-Super Night" Empowering All Industries Held in Guangxi, China December 29, 2025
- Forum of Operators for the Guarantee of Economic Emergence in Africa (FO.GE.CA) Dubai 2025: MIR Holding subsidiaries recognized, highlighting an entrepreneurial journey with global reach December 29, 2025
- PAObank Enhances "Money Safe" Feature for Upgraded Anti-Fraud Protection December 29, 2025
- Tanoto Foundation Convened Global and National Leaders to Strengthen the Early Childhood Education and Development (ECED) Ecosystem at the 2025 International Symposium on ECED December 29, 2025
- Crisis Management Centre Announces Global Release Of Founder's Maiden Book on Reputational Security December 27, 2025

## CATEGORIES

Select Category

## MENUS

- Contact Us
- Grievance Redressal
- Home

Member of WJAI

Odisha Samachar : [https://eodishasamachar.com/en/2025/12/23/launching-of-odisha-districts-geo-portal/](https://eodishasamachar.com/en/2025/12/23/launching-of-odisha-districts-geo-portal/)




Odisha Samachar : [https://eodishasamachar.com/?p=66647](https://eodishasamachar.com/?p=66647)

# ଏନଆଇସିରେ କୃତ୍ରିମ ବୁଦ୍ଧିମତ୍ତା ନେଇ ରାଜ୍ୟସ୍ତରୀୟ ସମ୍ମିଳନୀ



॥ ପ୍ରଭାନ୍ୟୁଜ୍ ॥

**ଭୁବନେଶ୍ୱର, ୧୮।୧୨ :** ଓଡିଶା ଏନଆଇସି ଦ୍ୱାରା ଭୁବନେଶ୍ୱରସ୍ଥିତ ଗୁରୁ କେଲୁ ଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରରେ କୃତ୍ରିମ ବୁଦ୍ଧିମତ୍ତାର ରାଜ୍ୟ ସ୍ତରୀୟ ସମ୍ମିଳନୀ ଅନିଷ୍ଠିତ ହୋଇଅଛି। ଏଥିରେ ଓଡିଶା ଏନଆଇସିର ରାଜ୍ୟ ତଥା ଜିଲ୍ଲାସ୍ତରର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗମାନଙ୍କର ମାନ୍ୟବର ମନ୍ତ୍ରୀ ଡଃମୁକେଶ ମହାଲିଙ୍ଗ ଉଦଘାଟନ କରିଛନ୍ତି। ରାଜ୍ୟସ୍ତରରେ କୃତ୍ରିମ ବୁଦ୍ଧିମତ୍ତାର କାର୍ଯ୍ୟାନ୍ୱୟନ ତଥା ବିଭିନ୍ନ ଯୋଜନାଗୁଡିକର ନିରୀକ୍ଷଣ ପାଇଁ ଏହାର ଉପଯୋଗୀତା ଉପରେ ମାନନୀୟ ମନ୍ତ୍ରୀ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟ ତଥା ସମଗ୍ର ଦେଶରେ ଡିଜିଟାଲ ରୂପାନ୍ତରଣରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅବଦାନ ସମ୍ପର୍କରେ ଡଃମହାଲିଙ୍ଗ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ସଚିବ ତଥା ଓଡିଶା କମ୍ପ୍ୟୁଟର ଅନୁପ୍ରୟୋଗ କେନ୍ଦ୍ର (ଓକାକ)ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଡଃ ପ୍ରଦୀପ କୁମାର ରାଉତ ରାଜ୍ୟରେ କୃତ୍ରିମ ବୁଦ୍ଧିମତ୍ତାର ଅନୁପ୍ରୟୋଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ ଏବଂ ଏଥିରେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଓଡିଶାର ଯୋଗଦାନ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ପ୍ରାରମ୍ଭରେ ନିଜର ସ୍ୱାଗତ ଭାଷଣରେ ଉପ-ମହାନିର୍ଦ୍ଦେଶକ ତଥାରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡଃ ଅଶୋକ କୁମାର ହୋତା କୃତ୍ରିମ ବୁଦ୍ଧିମତ୍ତାର ଅନୁପ୍ରୟୋଗରେ ସମ୍ପନ୍ନ ହୋଇଥିବା ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଭବିଷ୍ୟତର ଏହି ପ୍ରଯୁକ୍ତିବିଦ୍ୟାକୁ ନେଇ ହେବାକୁଥିବା କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା ଉପରେ ପ୍ରସ୍ତୁତ ଓଡିଶା ଡେସ୍କଟପ୍ ପ୍ରୋଫାଇଲ୍ ଏବଂ ହିନ୍ଦୀ ପତ୍ରିକା 'ଜାଗୃତି' ର ଉନ୍ମୋଚନ ହୋଇଥିଲା ତଥା ଓଡିଶା ଜିଲ୍ଲା ଜିଓ-ପୋର୍ଟାଲର ଶୁଭାରମ୍ଭହୋଇଥିଲା। ସମାରହୋର ଦ୍ୱିତୀୟ ଅଧିବେଶନରେ କୃତ୍ରିମ ବୁଦ୍ଧିମତ୍ତା ଆଭିମୁଖ୍ୟ ବିଷୟରେ ତିନୋଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ ଓ ବୈଷୟିକ ବିଶେଷଜ୍ଞଙ୍କ ସହିତ ସମସ୍ତ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ଉପ-ମହାନିର୍ଦ୍ଦେଶକ ତଥାଅତିରିକ୍ତ ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡଃ ପବିତ୍ରାନନ୍ଦ ପଟ୍ଟନାୟକ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ଓଡିଶା ଏନଆଇସିର ବରିଷ୍ଠ ବୈଜ୍ଞାନିକ ଜୟନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ।

Prava News : 18th Dec, 2025